بِسۡمِ اللّٰہِ الرَّحۡمٰنِ الرَّحِیۡمِ

২৮ ଜୁନ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

## ବନୁ ନଜିର୍ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା । (ଶେଷ ପର୍ଯ୍ୟାୟ)

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ଵାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତବାରେ ବନୁ ନଜିର୍‌ର କବିଲା ସହିତ ମୁସଲମାନମାନଙ୍କ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଏଥିସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ସ୍ୱପୁସ୍ତକ "ସିରତ୍ ଖାତମୁନ୍ ନବୀଈନ୍"ରେ ଉଲ୍ଲେଖ କରିଛନ୍ତି; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ବନୁ ନଜିର୍ କବିଲାର ଦୁର୍ଗ ଆଡ଼କୁ ପ୍ରସ୍ଥାନ କରିବା ପୂର୍ବରୁ ନିଜ ପଛରେ ହଜରତ ଅବ୍ଦୁଲ୍ଲାଃ ବିନ୍ ମକ୍ତୁମ୍ [ର.ଅ]ଙ୍କୁ (ମଦିନାରେ) ଇମାମୁସ୍ ସଲାତ୍ ମୁତୟନ କଲେ ଏବଂ ସ୍ୱୟଂ ସାହାବାଙ୍କର ଏକ ଦଳ ସହିତ ବନୁ ନଜିର୍ ଅଭିମୁଖେ ବାହାରିଗଲେ । ଆଉ ବନୁ ନଜିର୍ ବସ୍ତିର ଘେରାଉ କରିନେଲେ । ଯେ କି ସେହି କାଳର ଯୁଦ୍ଧ ରଣନୀତି ଅନୁଯାୟୀ ଦୁର୍ଗରେ ଆତ୍ମଗୋପନ କରିନେଇ ଥିଲେ । ସେହି ଅବସରରେ ଅବ୍ଦୁଲ୍ଲାଃ ବିନ୍ ଉବେଇ ବିନ୍ ସୁଲୁଲ୍ ଏବଂ ମଦିନାର ଅନ୍ୟ କପଟବିଶ୍ୱାସୀମାନେ ବନୁ ନଜିର୍‌ର ଧନାଢ଼୍ୟ ଲୋକମାନଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ କି ତୁମେମାନେ କଦାପି ମୁସଲମାନମାନଙ୍କୁ ଭୟ କରିବ ନାହିଁ । ଆମେ ତୁମ ସାଥିରେ ଅଛୁ, ଆମେ ତୁମ ପକ୍ଷରୁ ସେମାନଙ୍କର ମୁକାବିଲା (ସଂଘର୍ଷ) କରିବୁ । କିନ୍ତୁ ଯେତେବେଳେ ରୀତିମତ ଭାବରେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ସେହି କପଟବିଶ୍ୱାସୀଗଣ ହୁଜୁର [ସ.ଅ]ଙ୍କ ବିପକ୍ଷରେ ଖୋଲା ରଣଭୂମିକୁ ଓହ୍ଲାଇବାକୁ ସାହସ ଜୁଟାଇ ପାରିଲେ ନାହିଁ ଏବଂ ନା ବନୁ କୁରେଜାଃ (ଦଳ) ମୁସଲମାନମାନଙ୍କ ବିରୋଧରେ ବନୁ ନଜିର୍‌ର ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ ।

ସେ ଯାହା ହେଉ ବନୁ ନଜିର୍ ଦଳ ମୁସଲମାନମାନଙ୍କ ମୁକାବିଲାରେ ବାହାରିଲେ ନାହିଁ । ବରଂ ଦୁର୍ଗରେ ହିଁ ଆତ୍ମଗୋପନ କରିନେଲେ । ଯେହେତୁ ସେମାନଙ୍କ ଦୁର୍ଗ ସେହି ଯୁଗାନୁଯାୟୀ ଅତ୍ୟନ୍ତ ମଜବୁତ୍ ଥିଲା । ତେଣୁ ସେମାନେ ନିଶ୍ଚିନ୍ତ ଥିଲେ ଯେ, ମୁସଲମାନମାନେ ସେମାନଙ୍କର କୌଣସି ଅନିଷ୍ଟ କରିପାରିବେ ନାହିଁ । ଆଉ ଶେଷରେ ବିରକ୍ତ ହୋଇ ଘେରାଉ ଉଚ୍ଛେଦ କରି ଦେବେ । କିନ୍ତୁ ହଜରତ ମୁହମ୍ମଦ[ସ.ଅ] ଘେରାଉ ଅବ୍ୟାହତ ରଖିଲେ । ଉକ୍ତ ଘେରାଉ ୬ଦିନ ଏବଂ କେତେକ ବର୍ଣ୍ଣନାନୁଯାୟୀ ୧୫ଦିନ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ପୁନଶ୍ଚ କେତେକ ବର୍ଣ୍ଣନାନୁଯାୟୀ ତାହା ୨୦/୩୦ଦିନ ପର୍ଯ୍ୟନ୍ତ ରହିଥିବାର ଉଲ୍ଲେଖ ରହିଛି ।

କିଛିଦିନ ଅତିବାହିତ ହେବା ପରେ ନବୀଶ୍ରେଷ୍ଠ ଦୁର୍ଗ ବାହାରେ ରହିଥିବା (ଇହୁଦୀମାନଙ୍କର) ଖଜୁରୀ ଗଛ ମଧ୍ୟରୁ କିଛି ଖଜୁରୀ ଗଛ କାଟିବାର ଆଦେଶ ଦେଲେ । ତାହା ଲିନା କିସମର ଖଜୁରୀ ଗଛ ଥିଲା,

ଯାହାକି ସାଧାରଣତଃ ଲୋକମାନେ ସେବନ କରି ନଥାନ୍ତି । ଇହୁଦୀମାନେ ସେହି ଗଛଗୁଡ଼ିକର ଆଢୁଆଳରେ ଦୁର୍ଗ ଉପରେ ଲୁଚି ରହି ମୁସଲମାନମାନଙ୍କ ଆଡ଼କୁ ତୀର ଓ ପଥର ଆଦି ନିକ୍ଷେପ କରୁଥିଲେ । ସେଥିପାଇଁ ହଜରତ ମୁହମ୍ମଦ[ସ.ଅ]  ଉକ୍ତ ଖଜୁରୀ ଗଛ ମଧ୍ୟରୁ କିଛି ଖଜୁରୀ ଗଛ କାଟି ଦେବାର ଆଦେଶ ଦେଇଥିଲେ । ଯଦ୍ଵାରା ବନୁ ନଜିର୍ ଦଳ ଆତଙ୍କିତ ହୋଇଯିବେ ଏବଂ ନିଜ ଦୁର୍ଗର ମୂଖ୍ୟ ଦ୍ଵାର ଖୋଲିଦେବେ । **ଏପରି କିଛି ବୃକ୍ଷର କ୍ଷତି ଫଳରେ ଅନେକ ମୂଲ୍ୟବାନ ଜୀବନ ବର୍ତ୍ତିଯିବ ଏବଂ ଦେଶରୁ ବିଦ୍ରୋହ ଓ ବିଶୃଙ୍ଖଳା ଦୂର ହୋଇଯିବ ।**

ଏଥିରୁ ଏପରି ପ୍ରତୀତ ହେଉଛି ଯେ, ଅଲ୍ଲାଃତାଲାଙ୍କ ବିଶେଷ ଐଶ୍ଵୀବାଣୀ ଅନ୍ତର୍ଗତ ହୁଜୁର[ସ.ଅ] ଉକ୍ତ ଖଜୁରୀ ଗଛଗୁଡ଼ିକୁ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବସ୍ତୁତଃ ଏହି ଉପାୟ ଫଳପ୍ରଦ ସାବ୍ୟସ୍ତ ହେଲା । ସାହାବା ମାତ୍ର ଛ'ଗୋଟି ବୃକ୍ଷ କାଟି ଥିଲେ ଯେ, ବନୁ ନଜିର୍ ଦଳ ମନେ କଲେ ସମ୍ଭବତଃ ମୁସଲମାନମାନେ ସେମାନଙ୍କର ସମସ୍ତ ବୃକ୍ଷ ଯେଉଁଥିରେ ଫଳମୂଳ ବୃକ୍ଷ ମଧ୍ୟ ରହିଛି, କାଟି ଦେବେ । ତେଣୁ ସେମାନେ ବିଳାପ ରୋଦନ କରିବା ଆରମ୍ଭ କରିଦେଲେ । ଯଦିଚ ସାମାନ୍ୟ ଅବସ୍ଥାରେ ମୁସଲମାନମାନଙ୍କୁ ଫଳନ୍ତି ଗଛ କାଟିବାର ଅନୁମତି ନଥିଲା । ସେ ଯାହା ହେଉ ବନୁ ନଜିର୍ ଦଳ ଆତଙ୍କିତ ହୋଇ ଏହି ସର୍ତ୍ତରେ ଦୁର୍ଗର ଦ୍ଵାର ଖୋଲିଦେଲେ କି ଆମମାନଙ୍କୁ ଏଠାରୁ ନିଜ ସାମଗ୍ରୀ (ଆସବାବ) ନେଇ ଶାନ୍ତି ଓ ସୁରକ୍ଷାର ସହିତ ଚାଲିଯିବାକୁ ଦିଆଯାଉ ।

ଇହୁଦୀମାନଙ୍କ ବିବଶତା ଏବଂ ସ୍ଵୟଂ ଦେଶରୁ ନିର୍ବାସିତ ହୋଇ ଚାଲି ଯିବାର ନିବେଦନ କରିବା ପ୍ରସଙ୍ଗରେ ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ମୁସଲମାନମାନେ ସେମାନଙ୍କ ବୃକ୍ଷ ଜାଳି ଦେବାରୁ ସେମାନଙ୍କ ବୁଦ୍ଧି ବଣା ହୋଇଗଲା ଏବଂ ସେମାନେ ବିଚଳିତ ହୋଇ ପଡ଼ିଲେ । ପରାକ୍ରମୀ ଅଲ୍ଲାଃ ସେମାନଙ୍କ ମନରେ ଭୟ ଉତ୍ପନ୍ନ କରିଦେଲେ ଏବଂ ସେମାନେ ଆତ୍ମସର୍ମପଣ କରିବା ପ୍ରତି ଆନତ ହେଲେ । ସେମାନଙ୍କ ଦେଶରୁ ନିର୍ବାସିତ ହେବାର ନିବେଦନରେ ହଜରତ ମୁହମ୍ମଦ[ସ.ଅ] ତାଙ୍କୁ ଆଦେଶ ଦେଲେ, ଠିକ୍ ଅଛି ମଦିନାରୁ ଚାଲିଯାଅ ତୁମ ଜୀବନ ସୁରକ୍ଷିତ ରହିବ । **ତୁମମାନଙ୍କ ଓଟ ଯେତିକି ସାମଗ୍ରୀ ବହନ କରିପାରିବ ତାହା ତୁମେ ନେଇ ଯାଅ କିନ୍ତୁ ଅସ୍ତ୍ରଶସ୍ତ୍ର ବ୍ୟତୀତ ।**

ଇସଲାମର ପ୍ରତିଷ୍ଠାତାଙ୍କ ଉପରେ ଆରୋପ ଓ ଆକ୍ଷେପ କରୁଥିବା ଲୋକମାନଙ୍କୁ ଦେଖିବା ଉଚିତ୍ ଯେ, ହୁଜୁର[ସ.ଅ] ପ୍ରତିଜ୍ଞାଭଙ୍ଗକାରୀ, ପ୍ରଶାସନିକ ମୂଖ୍ୟଙ୍କୁ ହତ୍ୟା କରିବାର ବାରମ୍ବାର ଷଡ଼ଯନ୍ତ୍ର ଓ ଉଦ୍ୟମ କରିବା, ମାରଣାସ୍ତ୍ର ସାଥିରେ ନେଇ ବିଦ୍ରୋହ ପାଇଁ ଓହ୍ଲେଇ ଆସିବା ଏବଂ ଶାନ୍ତି ପ୍ରସ୍ତାବକୁ ଅହଂକାର ପୂର୍ଣ୍ଣ ଭଙ୍ଗିରେ ପଦାଘାତ କରିଥିବା ସେହି ଇହୁଦୀମାନଙ୍କୁ ଆପଣ ନିଜ ଅକ୍ତିଆରରେ ନେଇ ନେଇଥିଲେ । କିନ୍ତୁ ଏହା ସତ୍ତ୍ଵେ ନବୀଶିରୋମଣୀଙ୍କ ହଜରତ ମୁହମ୍ମଦ [ସ.ଅ]ଙ୍କର ଶାନ୍ତି ଓ ସନ୍ଧିପ୍ରିୟ ନୀତି, ଦୟା ତଥା କ୍ଷମା ଆଚରଣ କରିବାର ଅଭୂତପୂର୍ବ୍ବ ବୈଶିଷ୍ଟତା ଏବଂ ଏଥିରୁ ଆପଣଙ୍କ ମହାନ ସ୍ଵଭାବ (ବ୍ୟକ୍ତିତ୍ଵ) ପ୍ରତିପାଦିତ ହେଉଅଛି । **କାରଣ ଏସବୁ ସତ୍ତ୍ଵେ ଆପଣ[ସ.ଅ] ସେମାନଙ୍କୁ ଶାନ୍ତି ଓ ସୁରକ୍ଷାର ସହିତ ଚାଲିଯିବାକୁ ଅନୁମତି ପ୍ରଦାନ କରିଦେଲେ ।** ହୁଜୁର [ସ.ଅ]ଙ୍କ ଦୟା ଓ ଅନୁକମ୍ପାର ଅବସ୍ଥା ଏପରି ଥିଲା ଯେ, ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବ୍ୟତୀତ ନିଜ ଆବଶ୍ୟକୀୟ ସାମଗ୍ରୀ ସାଥିରେ ନେଇଯିବାକୁ ମଧ୍ୟ ଅନୁମତି ପ୍ରଦାନ କରିଦେଲେ ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଦେଶରୁ ନିର୍ବାସିତ ହେବାର ଚାରୋଟି ସର୍ତ୍ତ ରଖିଥିଲେ । **ପ୍ରଥମ** ବନୁ ନଜିର୍ର ଇହୁଦୀ ପବିତ୍ର ମଦିନା ସହର ବ୍ୟତୀରେକେ ଅନ୍ୟ ଯେଉଁସ୍ଥଳକୁ ଇଚ୍ଛା ଯାଇ ବସତି ସ୍ଥାପନ

କରନ୍ତୁ । **ଦ୍ୱିତୀୟ** ଦେଶରୁ ବିତାଡ଼ିତ ହେବା ସମୟରେ ସେମାନେ ପୂର୍ଣ୍ଣ ରୂପରେ ଅସ୍ତ୍ରଶସ୍ତ୍ର ଶୂନ୍ୟ ରହିବେ । **ତୃତୀୟ** ଯେଭଳି ସାମଗ୍ରୀ ବହନ କରିପାରିବେ ତାହା ସେମାନେ ନିଜ ସାଥିରେ ନେଇ ଯାଇପାରିବେ । **ଚତୁର୍ଥ** ଇହୁଦୀମାନଙ୍କ ଚାଲିଯିବା ପରେ ସେମାନେ ନିଜ ପଛରେ ଛାଡ଼ି ଯାଇଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ମାଲିକ ମୁସଲମାନମାନେ ହେବେ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଇହୁଦୀମାନଙ୍କ ଦେଶରୁ ନିର୍ବାସିତ ହେବାର ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି; ବନୁ ନଜିର୍ ଦଳ ସ୍ୱହସ୍ତରେ ନିଜ ବାସ ଭବନଗୁଡ଼ିକୁ ଭାଙ୍ଗିରୁଜି ତାହାର କବାଟ, ଝରକା ଏପରିକି ଚଉକାଠ ମଧ୍ୟ ଉପାଡ଼ି ନିଜ ସାଥିରେ ନେଇଗଲେ । ସେମାନେ ମଦିନାରୁ ଏପରି ନାଚିଗାଇ ଆନନ୍ଦ ଉଲ୍ଲାସର ସହିତ ବାହରିଲେ ଯେପରି କୌଣସି ବରଯାତ୍ରୀ ବାହାରିଛି । କିନ୍ତୁ ହଁ ସେମାନଙ୍କ ଯୁଦ୍ଧ ସାମଗ୍ରୀ ଓ ସମ୍ପତ୍ତି ଯେପରିକି ବଗିଚା ଆଦି ମୁସଲମାନମାନଙ୍କ ଅଧିକାରଭୁକ୍ତ ହୋଇଥିଲା । ଯେହେତୁ ଏସମସ୍ତ ସମ୍ପତ୍ତି ବିନା କୌଣସି ପ୍ରତିଦ୍ୱନ୍ଦିତାରେ ମୁସଲମାନମାନଙ୍କ ଅଧୀନକୁ ଆସିଥିଲା ତେଣୁ ଇସଲାମୀୟ ନିୟମାନୁଯାୟୀ ତାହାର ବଣ୍ଟନ ନବୀଶ୍ରେଷ୍ଠଙ୍କ ଅକ୍ତିଆରରେ ଥିଲା । ଅତଏବ ଆପଣ[ସ.ଅ] ଉକ୍ତ ସମ୍ପତ୍ତିକୁ ଅଧିକାଂଶ ଗରିବ ପ୍ରବାସକାରୀଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଯେଉଁମାନେ ସେପର୍ଯ୍ୟନ୍ତ ସୁଦ୍ଧା ନିଜ ଖର୍ଚ୍ଚ ଅନସାର୍‌ମାନଙ୍କ ସହିତ ପ୍ରାରମ୍ଭିକ ଭାତୃଭାବର ସମ୍ପର୍କ ଅନ୍ତର୍ଗତ ସେମାନଙ୍କ ସମ୍ପତ୍ତି ଉପରେ ନିର୍ଭର କରି ବହନ କରୁଥିଲେ । ଏପରି ପରୋକ୍ଷ ରୂପେ ଅନସାରମାନେ ମଧ୍ୟ ସେହି ଅର୍ଜିତ ସମ୍ପତ୍ତିର ଭାଗୀଦାର ହୋଇଗଲେ ।

ଯେତେବେଳେ ବନୁ ନଜିର୍ ଦଳ ମୁହମ୍ମଦ ବିନ୍ ମସ୍‌ଲମାଃ[ର.ଅ] ସାହାବୀଙ୍କ ତତ୍ତ୍ୱାବଧାନରେ ମଦିନାରୁ ପ୍ରବାସ କରୁଥିଲେ । ସେତେବେଳେ କେତେକ ଅନ୍‌ସାରୀ ତାଙ୍କୁ ସେହି ଇହୁଦୀମାନଙ୍କ ସହିତ ଚାଲି ଯିବାକୁ ବାରଣ କଲେ, ଯେ ଅସଲରେ ଅନ୍‌ସାରୀଙ୍କ ସନ୍ତାନମାନଙ୍କ ମଧ୍ୟରୁ ଥିଲେ । କିନ୍ତୁ କେତେକ ଅନ୍‌ସାରୀ ମାନସିକ କରିଥିବା ହେତୁ ସେମାନେ ଇହୁଦୀ ହୋଇଯାଇଥିଲେ । ଆଉ ବନୁ ନଜିର୍ ତାଙ୍କୁ ନିଜ ସାଥିରେ ନେଇଯିବାକୁ ବାହାରି ଥିଲେ କିନ୍ତୁ ଅନ୍‌ସାରୀଙ୍କର ଏହି ଦାବି ଇସ୍‌ଲାମୀୟ ନୀତିଶିକ୍ଷା ଲାଇକ୍‌ରାହା ଫିଦ୍‌ଦୀନ୍ ଅର୍ଥାତ ଧର୍ମ ମାମଲାରେ (କାହାରି ଉପରେ) କୌଣସି ପ୍ରକାର ବାଧ୍ୟବାଧକତା ନାହିଁ, ହେବା ପରିବର୍ତ୍ତେ ତାହା ବିପରୀତ ଥିଲା । ଏଥି ସକାଶେ ହଜରତ ମୁହମ୍ମଦ[ସ.ଅ] ମୁସଲମାନମାନଙ୍କ ଖିଲାଫ୍‌ରେ ଏବଂ ଇହୁଦୀମାନଙ୍କ ପକ୍ଷରେ ନିଷ୍ପତ୍ତି ଦେଲେ । ଅତଃ ଆପଣ[ସ.ଅ] କହିଲେ; ଯେଉଁବ୍ୟକ୍ତି ଇହୁଦୀ ଅଟେ ଏବଂ ସେ ମଦିନାରୁ ଚାଲି ଯିବାକୁ ଚାହୁଁଛି, ତାହାକୁ କେହି ଅଟକାଇବେ ନାହିଁ । **କିନ୍ତୁ ବନୁ ନଜିର୍ ଦଳର ଦୁଇଜଣ ବ୍ୟକ୍ତି ସ୍ୱଇଚ୍ଛାରେ ମୁସଲମାନ ହୋଇ ମଦିନାରେ ରହିଗଲେ ।**

ଗୋଟିଏ ବର୍ଣ୍ଣନାନୁଯାୟୀ ହଜରତ ମୁହମ୍ମଦ[ସ.ଅ] ବନୁ ନଜିର୍ ଦଳ ସଂକ୍ରାନ୍ତରେ ଏହି ନିଷ୍ପତ୍ତି ଦେଇଥିଲେ କି ସେମାନେ ସିରିୟା (ଦେଶକୁ) ପ୍ରବାସ କରିଯାନ୍ତୁ ଅର୍ଥାତ ଆରବରୁ ବାହାରିଯାନ୍ତୁ । କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କର କେତେକ ସରଦାର ଯେପରିକି ସଲାମ୍ ବିନ୍ ଅବି ହୁକେକ୍, କିନାନା ବିନ୍ ରବିଇ ଓ ହୁଇ ବିନ୍ ଅଖତବ୍ ଇତ୍ୟାଦି ତଥା ସେମାନଙ୍କର ଆଉ ଏକ ଶାଖା ହିଜାଜ୍ (ଅଞ୍ଚଳ)ର ଉତ୍ତର ପ୍ରାନ୍ତରେ ଇହୁଦୀଙ୍କର ସୁପ୍ରସିଦ୍ଧ ବସ୍ତି ଖୈବର ଅଞ୍ଚଳକୁ ପ୍ରବାସ କରି ବସତି ସ୍ଥାପନ କଲେ । ଆଉ ଖୈବର୍‌ବାସୀ ମଧ୍ୟ ସେମାନଙ୍କର ସହୃଦୟରୁ ସ୍ୱାଗତ କରିଥିଲେ । ଏମାନେ ଶେଷରେ ମୁସଲମାନମାନଙ୍କ ବିରୁଦ୍ଧରେ ଭୟଙ୍କର ଷଡ଼ଯନ୍ତ୍ର ଓ ଉତ୍ତେଜନା ମୂଳକ ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରିଥିଲେ । ମୁସଲମାନମାନଙ୍କ ସହିତ ବନୁ ନଜିର୍

ଦଳ ସହିତ ଯୁଦ୍ଧ କରିବାର ସଂଯୋଗ ହେଲା ନାହିଁ ବରଂ ସର୍ବଶକ୍ତିମାନ ଅଲ୍ଲାଃତାଲା ନିଜ ପବିତ୍ର ଅବତାରଙ୍କ ଶୌର୍ଯ୍ୟ ଓ ପ୍ରତାପ ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରିଦେଇ ଥିଲେ । ଏପରି ପରମେଶ୍ୱର ସେମାନଙ୍କ ଧନସମ୍ପତ୍ତିର ହୁଜୁର ସ.ଅଙ୍କୁ ଉତ୍ତରାଧିକାରୀ କରିଦେଲେ ।

ଏହିସ୍ଥଳେ ଆମମାନଙ୍କୁ ଅନସାର୍‌ମାନଙ୍କ ଆଶ୍ଚର୍ଯ୍ୟଜନକ ପ୍ରେମାନୁରାଗ ଓ ଉତ୍ସର୍ଗତା ପରିପ୍ରକାଶ କରିବାର ନମୁନା ଦେଖିବାକୁ ମିଳୁଅଛି । ହଜରତ ମୁହମ୍ମଦସ.ଅ ଉକ୍ତ ଧନସମ୍ପତ୍ତି ବାଣ୍ଟିବା ସମୟରେ ହଜରତ ସାବିତ୍ ବିନ୍ କୈସ ବିନ୍ ଶମାସ୍ ର.ଅଙ୍କୁ କହିଲେ; ମୋ ସମ୍ମୁଖରେ ନିଜ ଗୋଷ୍ଠୀ ସମୂହକୁ ଏକତ୍ରିତ କର ଅର୍ଥାତ ସମସ୍ତ ଅନ୍‌ସାରମାନଙ୍କୁ ଡ଼ାକିଆଣ । ସୁତରାଂ ସେ ଅଓ୍ୱସ୍ ଓ ଖଜରଜ୍ ଦଳକୁ ଡ଼ାକି ଆଣିଲେ । ସେଥିଅନ୍ତେ ହୁଜୁରସ.ଅ ଅନ୍‌ସାରମାନଙ୍କର ପ୍ରବାସକାରୀଙ୍କ ସହିତ କରିଥିବା ଉତ୍ତମ ଆଚରଣର ଚର୍ଚ୍ଚା କରି କହିଲେ; ଯଦି ତୁମେ ପସନ୍ଦ କର ତେବେ ବନୁ ନଜିର୍ ଠାରୁ ହାସଲ ହୋଇଥିବା ସମ୍ପତ୍ତି (ମାଲେ ଫୈ) ତୁମ ଓ ପ୍ରବାସକାରୀ ସାହାବାଙ୍କ ମଧ୍ୟରେ (ସମାନ ଭାବରେ) ବାଣ୍ଟି ଦିଆଯିବ । ଏପରି ଅବସ୍ଥାରେ ପ୍ରବାସକାରୀ ସାହାବା ପୂର୍ବପରି ତୁମ ଘର ଓ ଧନସମ୍ପତ୍ତିର ମାଲିକ ରହିବେ । ଆଉ ଯଦି ତୁମେ ଇଚ୍ଛା କର ତେବେ ମୁଁ ଏହି ମାଲେ ଫୈ କେବଳ ପ୍ରବାସକାରୀ ସାହାବାଙ୍କ ମଧ୍ୟରେ ବାଣ୍ଟି ଦେବି । ଏପରି ଅବସ୍ଥାରେ ପ୍ରବାସକାରୀ ସାହାବା ତୁମ ଘରୁ ବାହାରି ଯିବେ । ଏଥିରେ ହଜରତ ସାଦ୍ ବିନ୍ ଅବାଦାଃ ଓ ହଜରତ ସାଦ୍ ବିନ୍ ମାଜ୍ର.ଅ କହିଲେ; ହୁଜୁର ଆମ ଧନସମ୍ପତ୍ତି ପ୍ରବାସକାରୀ ସାହାବାଙ୍କ ନିକଟରେ ରହିବାକୁ ଦିଅନ୍ତୁ ଏବଂ ବନୁ ନଜିର୍ ଠାରୁ ଅର୍ଜିତ ସମସ୍ତ ସମ୍ପତ୍ତି ମଧ୍ୟ ଆମ ପ୍ରବାସକାରୀ ସାହାବାଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତୁ ।

ଏଥିରେ ଅନସାର୍ ସାହାବାଙ୍କ ଗହଣରୁ ସ୍ୱର ଉତ୍ତୋଳିତ ହେଲା ହେ ଅଲ୍ଲାଃଙ୍କ ରସୁଲ୍ସ.ଅ ! ଆମେ ଏଥିରେ ରାଜି ଏବଂ ଆମେ ଏହାକୁ (ଖୁସି ମନରେ) ସ୍ୱୀକାର କରୁଛୁ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ (ଅନ୍‌ସାରମାନଙ୍କର) ଏହି ପ୍ରେମାନୁରାଗ ଓ ଉତ୍ସର୍ଗତାକୁ ଦେଖି ଅତ୍ୟନ୍ତ ପ୍ରସନ୍ନିତ ହେଲେ ଏବଂ ହୁଜୁରସ.ଅ କହିଲେ; ହେ ଅଲ୍ଲାଃ ! **ଅନସାର୍ ଓ ସେମାନଙ୍କ ସନ୍ତାନମାନଙ୍କ ଉପରେ ଦୟାବତୀର୍ଣ୍ଣ କର ।**

ଏଠାରେ ବନୁ ନଜିର୍ ଯୁଦ୍ଧର ଘଟଣାବଳୀ ଶେଷ ହେଲା । ଆସନ୍ତାରେ ଇନ୍‌ଶାଅଲ୍ଲାଃ ଅନ୍ୟ ଯୁଦ୍ଧର ଚର୍ଚ୍ଚା ହେବ । ପରିଶେଷରେ ମହାମହିମ ହୁଜୁର ଅନଓ୍ୱରଅ.ବ ପାକିସ୍ତାନ୍ ଅହେମଦିମାନଙ୍କ ପାଇଁ ଏବଂ ସେଠାରେ ପରିସ୍ଥିତି ସାମାନ୍ୟ ହେବା ପାଇଁ, ବିଶ୍ୱର ସମସ୍ତ ମୁସଲମାନ ତଥା ସଂସାରରେ ସାମଗ୍ରିକ ସ୍ତରରେ ପରିସ୍ଥିତି ସାମାନ୍ୟ ହେବା ପାଇଁ ଦୁଆ କରିବାକୁ ଆହ୍ୱାନ ଦେଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।